ଅନନ୍ତ ଅନ୍ତରୀକ୍ଷ ଭାଗ - ୮

ଜ୍ୟୋତିର୍ବିଜ୍ଞାନ ଓ ଜ୍ୟୋତିଷ ଶାସ୍ତ୍ର

*ପ୍ରସ୍ତୁତି: ସୃଜନିକା, ଭୁବନେଶ୍ୱର*

ଗତ କିଛି ସପ୍ତାହ ଧରି ଏଇ କାର୍ଯ୍ୟକ୍ରମ ମାଧ୍ୟମରେ ଆପଣମାନେ ସୂର୍ଯ୍ୟ. ଚନ୍ଦ୍ର, ତାରା, ଗ୍ରହ, ରାଶିଚକ୍ର, ସୌରମାସ, ଚାନ୍ଦ୍ରମାସ ଆଦି ଅନେକ କିଛି ଶୁଣିଛନ୍ତି । ପ୍ରତି ସପ୍ତାହରେ ଗୋଟିଏ ତାରାମଣ୍ଡଳ ବିଷୟରେ ଶୁଣୁଛନ୍ତି ଏବଂ ତାକୁ ଚିହ୍ନିବା ପାଇଁ ଚେଷ୍ଟା କରୁଛନ୍ତି । ଆପଣମାନଙ୍କ ମନରେ ହୁଏତ ପ୍ରଶ୍ନ ଉଠୁଥିବ ଯେ ଏସବୁର କ'ଣ କିଛି ପ୍ରଭାବ ଆମ ଉପରେ ପଡ଼େ ? ଜ୍ୟୋତିଷ ଶାସ୍ତ୍ର କ'ଣ ବିଜ୍ଞାନସମ୍ମତ ? ତେବେ ଆଜି ଆସନ୍ତୁ ଅନନ୍ତ ଅନ୍ତରୀକ୍ଷର ଆଜିର କାର୍ଯ୍ୟକ୍ରମରେ ଶୁଣିବା ଜ୍ୟୋତିର୍ବିଜ୍ଞାନ ଓ ଜ୍ୟୋତିଷ ଶାସ୍ତ୍ର । ଏହା କେମିତି କେବେଠାରୁ ଆରମ୍ଭ ହେଲା ଆଦି କିଛି କଥା ।

ବର୍ଣ୍ଣନା: ମଣିଷ ଯେତେବେଳେ ଚିନ୍ତା କରିବାକୁ ଆରମ୍ଭ କଲା ସେ ତା' ମୁଣ୍ଡ ଉପରର ତାରାଭରା ଆକାଶ, ସୂର୍ଯ୍ୟ, ଚନ୍ଦ୍ରଙ୍କୁ ଦେଖିବାକୁ ଆରମ୍ଭ କଲା । ସେମାନଙ୍କ ବିଷୟରେ କିଛି ଅନୁମାନ ସେ ଲଗେଇବାକୁ ଲାଗିଲା । ଏସବୁ ନିଶ୍ଚୟ ତାକୁ ଅଭିଭୂତ କରି ଦେଇଥିବ । ଏମାନଙ୍କର ନିୟମିତ ଯିବା ଆସିବା, ଦିନରାତି ହେବା, ଚନ୍ଦ୍ରର ଆକାର ବଢ଼ିବା କମିବା ଓ ଆକାଶରେ ତାରାମାନଙ୍କର ସ୍ଥାନ ନ ବଦଳିବା ଦେଖି ମଣିଷ କେତେ କ'ଣ କଳ୍ପନା କରିଥିବ ।

ପ୍ରଶ୍ନ: ନିରୀକ୍ଷଣ କରି ସେ କ'ଣ ସବୁ ଦେଖିଲା ?

ଉତ୍ତର: ବେଶ୍ କିଛିଦିନ ଧରି ଲକ୍ଷ୍ୟ କରିବା ପରେ ସେ ଦେଖିଥିବ ଯେ ଆକାଶରେ ତାରା ବଦଳିବା ସହିତ ଶିକାର କରିବାର ଋତୁ ବି ବଦଳି ଯାଉଛି । ମଣିଷ ଯେତେବେଳେ ଚାଷବାସ ଆରମ୍ଭ କଲା ସେତେବେଳେ ସେ ଜାଣିପାରିଲା ଯେ ମଞ୍ଜି ବୁଣାବୁଣି କରିବାର ସମୟ ଋତୁ ଉପରେ ନିର୍ଭର କରେ । କେତେକ ନିର୍ଦ୍ଦିଷ୍ଟ ତାରା ଉଦୟ ହେଲେ ନିର୍ଦ୍ଦିଷ୍ଟ ଋତୁ ହୁଏ ଏବଂ ସେଗୁଡ଼ିକ ଚାଲିଗଲେ ସେ ଋତୁ ବି ବଦଳିଯାଏ । ମିଶରର ନିମ୍ନ ଦେଶରେ ନୀଳନଦୀରେ ବନ୍ୟା ଆସିବା ସମୟକୁ ଲକ୍ଷ୍ୟ କରି ସେମାନେ ଦେଖିଲେ ଯେ ସେଇ ସମୟରେ ଲୁବ୍ଧକ ତାରା ପୂର୍ବ ଦିଗବଳୟରେ ଉଦୟ ହେଉଛି । ସେମାନଙ୍କର ମନରେ ଗୋଟିଏ ଝାପ୍‌ସା ଧାରଣା ଆସିଲା ଯେ ଏସବୁର ସମ୍ପର୍କ ଆକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ସୂର୍ଯ୍ୟ ସହ ରହିଛି । ଯେଉଁ ଜାଗାରେ ଚାଷବାସ କରି ମଣିଷ ସ୍ଥାୟୀ ଭାବରେ ରହିବାକୁ ଆରମ୍ଭ କରିଛି ସେସବୁ ଜାଗାରେ ଗୋଟିଏ ସୌର କାଲେଣ୍ଡରର ପ୍ରଚଳନ ରହିଛି । ଏମିତିକି ଭାରତରେ ବି ଚାନ୍ଦ୍ର କାଲେଣ୍ଡର ଚଳୁଥିଲେ ବି ସୌର କାଲେଣ୍ଡର ରହିଛି ଏବଂ ସୌର କାଲେଣ୍ଡର ସହ ଚାନ୍ଦ୍ର କାଲେଣ୍ଡର ମେଳ ଖାଇବା ପାଇଁ ସେଥିରେ ଗୋଟିଏ ମଳମାସ ଯୋଡ଼ି ଦିଆଯାଏ ।

ପ୍ରଶ୍ନ: ଆକାଶର ବସ୍ତୁମାନେ ମଣିଷ ଜୀବନକୁ କିଭଳି ପ୍ରଭାବିତ କରୁଥିଲେ ?

ଉତ୍ତର: ଆକାଶୀୟ ବସ୍ତୁମାନଙ୍କର ନିୟମିତ ଗତି ଏବଂ ବର୍ଷା ଶୀତ ଭଳି ବିଭିନ୍ନ ଋତୁ ଆଦିକୁ ବୁଝିବାକୁ ଯାଇ ଏଭଳି ଜ୍ୟୋତିଷ ଶାସ୍ତ୍ରର ଆରମ୍ଭ ହୋଇଥିଲା । ଆକାଶ ମଣିଷ ପାଇଁ ଗୋଟିଏ ସମୟମାପକ ଭଳି ଥିଲା । ସେ ଦେଖିଲା ସୂର୍ଯ୍ୟ ଓ ତାରା ପ୍ରତି ୪ ମିନିଟରେ ୧ ଡିଗ୍ରୀ କରି ପୂର୍ବରୁ ପଶ୍ଚିମକୁ ଘୁଞ୍ଚି ଯାଉଛନ୍ତି । ପ୍ରକୃତରେ ପୃଥିବୀ ପଶ୍ଚିମରୁ ପୂର୍ବକୁ ଯାଉଥିବାରୁ ଏଭଳି ଜଣାଯାଏ । ରାତିରେ ତାରା ଦେଖି ଦିଗ ବାରିହୁଏ । ଯେମିତି ଉତ୍ତର ଗୋଲାର୍ଦ୍ଧରେ ଧ୍ରୁବ ତାରା ଓ ଦକ୍ଷିଣରେ ତ୍ରିଶଙ୍କୁ ।

ପ୍ରଶ୍ନ: ମଣିଷ ଆଉ କ'ଣ ସବୁ ଲକ୍ଷ୍ୟ କଲା ?

ଉତ୍ତର: ସେ ଦେଖିଲା ଚନ୍ଦ୍ର ୨୭ ଦିନ ୮ ଘଣ୍ଟାରେ ଗୋଟିଏ ଘେରା ପୂରା କରେ । ତେଣୁ ଚନ୍ଦ୍ରର କକ୍ଷପଥ ସମାନ ୨୭ ଭାଗରେ ଭାଗ କରାଯାଇଛି । ପ୍ରତି ଭାଗରେ ୧୩ ଡିଗ୍ରୀ ୨୦ ମିନିଟ ରହିଛି । ପ୍ରତିଟି ଭାଗକୁ ନକ୍ଷତ୍ର କୁହାଯାଏ ଓ ଅଶ୍ୱିନୀ ଭରଣୀ ଆଦି ଏହିସବୁ ନକ୍ଷତ୍ର । ଏମାନଙ୍କ ବିଷୟରେ ବି ଆମେ ଆଗରୁ ଶୁଣିସାରିଛେ ।

ପ୍ରଶ୍ନ: ସବୁ ସଭ୍ୟତାର ଲୋକମାନେ କ'ଣ ନକ୍ଷତ୍ର ମାନନ୍ତି ?

ଉତ୍ତର: ଭାରତରେ ସିନା ଆମେ ନକ୍ଷତ୍ର ଧରୁଛୁ, ବେବିଲୋନରେ କିନ୍ତୁ ସେମାନେ ସୂର୍ଯ୍ୟର ଗତିପଥକୁ ଧରନ୍ତି । ସେମାନେ ଏହି ଗତିପଥକୁ ୧୨ ଭାଗ କରିଛନ୍ତି ଏବଂ ପ୍ରତି ଭାଗରେ ସୂର୍ଯ୍ୟର ଅବସ୍ଥିତିକୁ ଋତୁ ସହ ଯୋଡ଼ିଛନ୍ତି । ଏସବୁ ଚାଷୀ, ବ୍ୟବସାୟୀଙ୍କୁ ବହୁତ ସାହାଯ୍ୟ କଲା । ସେମାନେ ଆହୁରି ଲକ୍ଷ୍ୟ କଲେ ଯେ ସବୁ ଗ୍ରହ ଗୋଟିଏ ନିୟମିତ ସମୟରେ ଏହି ବାଟ ଦେଇ ଯାଉଛନ୍ତି । ସେତେବେଳେ ସୂର୍ଯ୍ୟ, ଚନ୍ଦ୍ର, ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ଶନିଙ୍କୁ ଗ୍ରହ ବୋଲି ଧରା ଯାଉଥିଲା । ଭାରତରେ ଏମାନଙ୍କ ସହ ରାହୁ ଓ କେତୁ ମିଶି ନଅଟି ଗ୍ରହ ହୋଇଥିଲା । ଏସବୁ ଲମ୍ବା ସମୟ କାଳ ମାପିବା ପାଇଁ କାମରେ ଲାଗୁଥିଲା । ଗୋଟିଏ ରାଶିଚକ୍ର ଟପିବା ପାଇଁ ଶନିକୁ ଅଢ଼େଇ ବର୍ଷ ସମୟ ଲାଗେ, ବୃହସ୍ପତିକୁ ୧ ବର୍ଷ ଏବଂ ମଙ୍ଗଳକୁ ଦେଢ଼ମାସ ଲାଗେ । ମନେକର ଗୋଟିଏ ପିଲା ଜନ୍ମ ହେଲା ବେଳକୁ ଶନି ବୃଷରାଶିରେ ଥିଲା ଏବଂ ଏବେ ଶନି ମୀନରେ ପହଞ୍ଚିଲାଣି । ତାମାନେ ସେ ୧୦ଟି ରାଶି ଡେଇଁଗଲାଣି । ତେଣୁ ସେ ପିଲାର ବର୍ତ୍ତମାନ ବୟସ ହେବ ଅଢ଼େଇ ବର୍ଷର ଦଶଗୁଣ ବା ପଚିଶ ବର୍ଷ ।

ପ୍ରଶ୍ନ: ଜ୍ୟୋତିଶ ଶାସ୍ତ୍ର ଆରମ୍ଭ ହେଲା କେମିତି ?

ଉତ୍ତର: ମଣିଷ ଏତେ କଥା ଜାଣିଲା ପରେ ବି ଆହୁରି ଅନେକ କଥା ଥିଲା ଯାହାକୁ ସେ ବୁଝିପାରୁ ନଥିଲା । ଆକାଶରେ ସୂର୍ଯ୍ୟ ଉଠିଲେ ସବୁଆଡ଼ ଆଲୁଅ ହୋଇଯାଉଛି ଓ ଉଷୁମ ଲାଗୁଛି । ଚନ୍ଦ୍ର ଆସିଲେ ଜୁଆର ଆସୁଛି, ଗ୍ରହମାନେ ପଶ୍ଚିମରୁ ପୂର୍ବକୁ ଗତି କଲାବେଳେ ହଠାତ୍ ଦିନେ ରହିଯାଇ ପଛୁଆ ଗତି ଆରମ୍ଭ କରନ୍ତି । ତେଣୁ ସେମାନେ ନିଶ୍ଚୟ ନିଜ ଇଚ୍ଛାରେ ଚାଲୁଛନ୍ତି । ଏମାନଙ୍କର ନିଶ୍ଚୟ କିଛି ଅଲୌକିକ ଶକ୍ତି ରହିଛି । କିନ୍ତୁ ଏହି ଗତିରୁ ମଣିଷର ଭାଗ୍ୟ ଗଣନା କରିହେବ ବୋଲି ସେତେବେଳେ କେହି ଭାବୁନଥିଲେ ।

ପ୍ରଶ୍ନ: ବେଦରେ କ'ଣ ଜ୍ୟୋତିଷ ଶାସ୍ତ୍ର କଥା କିଛି ରହିଛି ?

ଉତ୍ତର: ମଜାର କଥା ହେଉଛି ଆଜି ଜ୍ୟୋତିଷ ଶାସ୍ତ୍ର କହିଲେ ଯାହା ବୁଝାଯାଏ ବେଦରେ ସେସବୁ ବିଷୟରେ ମୋଟେ ନାହିଁ । ଜ୍ୟୋତିଷ ଶାସ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଉଛି ରାଶି, ଆଉ ବେଦରେ ରାଶି ବିଷୟରେ କିଛି ବି ନାହିଁ । କୁହାଯାଏ ଯେ ରାଶିର ଧାରଣା ମେସୋପଟାମିଆରୁ

ଭାରତକୁ ଆସିଛି । ଏପରିକି ପ୍ରାୟ ଖ୍ରୀଷ୍ଟପୂର୍ବ ଦଶମ ଶତାବ୍ଦୀ ବେଳକୁ ପ୍ରସ୍ତୁତ ହୋଇଥିବା ଲଗଧଙ୍କର ବେଦାଙ୍ଗ ଜ୍ୟୋତିଷରେ ବି ଏସବୁ ବିଷୟରେ କିଛି ଲେଖାହୋଇ ନାହିଁ ।

ପ୍ରଶ୍ନ: ଭାରତର ପଣ୍ଡିତମାନେ ଜ୍ୟୋତିଷ ଶାସ୍ତ୍ରକୁ ଗ୍ରହଣ କରୁଥିଲେ କି ?

ଉତ୍ତର: ମହାନ ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟ ତାଙ୍କ ଗ୍ରନ୍ଥ ଆର୍ଯ୍ୟଭଟ୍ଟୀୟରେ ଜ୍ୟୋତିଷ ଶାସ୍ତ୍ର ବିଷୟରେ କିଛି ଲେଖିନାହାନ୍ତି । ପ୍ରାକୃତିକ କାରଣ ଦେଇ ସେ ପରାଗ ଗ୍ରହଣ ଏବଂ ଅନ୍ୟ ଆକାଶୀୟ ଘଟଣା ସବୁର କାରଣ ବର୍ଣ୍ଣନା କରିଛନ୍ତି । ଏଥିପାଇଁ ସେ କୌଣସି ଅଲୌକିକ ଶକ୍ତି କଥା କହିନାହାନ୍ତି ।

ପ୍ରଶ୍ନ: ତେବେ ଏଭଳି ବିଶ୍ୱାସ ଆରମ୍ଭ ହେଲା କେମିତି ?

ଉତ୍ତର: କୁହାଯାଏ ଯେ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀ ବେଳକୁ ବେବିଲୋନୀୟ ସଭ୍ୟତାର ପତନ ଘଟୁଥିଲା । ଲୋକମାନଙ୍କ ଅବସ୍ଥା ବହୁତ ଖରାପ ଥିଲା । ପୁରୋହିତମାନେ ଲୋକମାନଙ୍କୁ ଗ୍ରହ ରାଶି ନାଁରେ ଶୋଷଣ କରିବାକୁ ଲାଗିଲେ । ଯେଉଁ ଜ୍ୟୋତିର୍ବିଜ୍ଞାନ ପ୍ରଥମେ ବିଜ୍ଞାନର ଗୋଟିଏ ବଡ଼ ଦିଗ ଭାବରେ ଆରମ୍ଭ ହୋଇଥିଲା, ଧୀରେ ଧୀରେ ତାହା ଗୋଟିଏ ନକଲି ବିଜ୍ଞାନରେ ବଦଳିଗଲା । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଆଲେକ୍‌ଜାଣ୍ଡାର ବେବିଲୋନ ଅଧିକାର କରିଥିଲେ । ସେ ସମୟକୁ ଅନ୍ଧବିଶ୍ୱାସ ଚରମରେ ପହଞ୍ଚିଥିଲା । ଧୀରେ ଧୀରେ ଏହି ଶାସ୍ତ୍ର ଗ୍ରୀସ ଓ ରୋମରେ ପହଞ୍ଚିଲା । ବାରୋସ୍ ନାମକ ଜଣେ ପୁରୋହିତ ପ୍ରଥମ କରି ଏଥେନସ୍‌ରେ ଜ୍ୟୋତିଷଶାସ୍ତ୍ର ପାଇଁ ଗୋଟିଏ ଶିକ୍ଷାନୁଷ୍ଠାନ ଆରମ୍ଭ କଲେ । ତା'ର ଦୁଇ ଶତାବ୍ଦୀ ଭିତରେ ଏହା ଭାରତକୁ ଆସିଲା । ବୋଧହୁଏ ଗର୍ଗ ମୁନି ପ୍ରଥମ କରି ଗର୍ଗ ସଂହିତା ନାଁରେ ଜ୍ୟୋତିଷ ଶାସ୍ତ୍ର ଉପରେ ଗୋଟିଏ ବହି ଲେଖିଥିଲେ ।

ପ୍ରଶ୍ନ: ମାସମାନଙ୍କର ନାଁ ସିନା ରାଶି ବା ନକ୍ଷତ୍ରରୁ ଆସିଲା । କିନ୍ତୁ ସପ୍ତାହର ସାତ ଦିନର ନାଁ କେମିତି ଆସିଲା ?

ଉତ୍ତର: ମଜାର କଥା ହେଉଛି ସପ୍ତାହର ସାତ ଦିନ ରବିବାର ସୋମବାର ଆଦି ଆମର କେତେ ପରିଚିତ । କିନ୍ତୁ ଏଗୁଡ଼ିକର ଆରମ୍ଭ ଭାରତରେ ହୋଇନଥିଲା । ପ୍ରାୟ ୪୮୪ ମସିହାରେ ବୁଧଗୁପ୍ତଠାରେ ତିଆରି ହୋଇଥିବା ଏରନ୍ ପଥର ସ୍ତମ୍ଭରେ ବାରମାନଙ୍କ ବିଷୟରେ ଲେଖାଥିବାର ପ୍ରମାଣ ମିଳେ । ଐତିହାସିକମାନେ ମତ ଦିଅନ୍ତି ଯେ ଆକାଶର ପାଞ୍ଚଟି ଗ୍ରହ ଏବଂ ସୂର୍ଯ୍ୟ, ଚନ୍ଦ୍ରଙ୍କୁ ମିଶାଇ ସପ୍ତାହର ନାଁ ଦେବା ପ୍ରଥମେ ଚାଲ୍‌ଡିଅର୍ ମାନେ ଆରମ୍ଭ କରିଥିଲେ । ଆମ ବେଦରେ ସପ୍ତାହର ନାଁମାନଙ୍କ ବିଷୟରେ କେଉଁଠି କିଛି ବି ଲେଖା ହୋଇନାହିଁ ।

ବୈଦିକ ଯୁଗରେ ଜ୍ୟୋତିଷ ଶାସ୍ତ୍ରର ପ୍ରଚଳନ ମୋଟେ ନଥିଲା । ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟ ମଧ୍ୟ ଏହାର କୌଣସି ସୂଚନା ଦେଇନାହାନ୍ତି । ବରଂ ଆର୍ଯ୍ୟଭଟ୍ଟ ୪୯୯ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିବା ତାଙ୍କ ଗ୍ରନ୍ଥ ଆର୍ଯ୍ୟଭଟ୍ଟୀୟରେ ପୃଥିବୀର ବୁଲିବା ବେଳେ ଜିନିଷ ସବୁ କାହିଁକି ପଡ଼ି ଯାଉନାହିଁ ଏହି ତତ୍ତ୍ୱକୁ ବୁଝାଇବା ପାଇଁ ମାଧ୍ୟାକର୍ଷଣ ଭଳି ଗୋଟିଏ ତତ୍ତ୍ୱ, ପୃଥିବୀର ଛାଇ ଓ ଚନ୍ଦ୍ରର ଛାଇକୁ ନେଇ ଚନ୍ଦ୍ରଗ୍ରହଣ ସୂର୍ଯ୍ୟପରାଗର ବର୍ଣ୍ଣନା କରିଛନ୍ତି । ଗ୍ରହଣ ପରାଗ ଭଳି ପ୍ରାକୃତିକ ଘଟଣା ବର୍ଣ୍ଣନା କରିବା ପାଇଁ ସେ କୌଣସି ଅଲୌକିକ ଶକ୍ତିର ସାହାଯ୍ୟ ନେଇ ନାହାନ୍ତି । ଏପରିକି ସେ ରାହୁ ଓ କେତୁ କଥା ବି ଲେଖିନାହାନ୍ତି ।

ପ୍ରଶ୍ନ: ତାହେଲେ ଭାରତରେ ଏଭଳି ଭୁଲ ଧାରଣାମାନ ବ୍ୟାପିଲା କେମିତି ?

ଉତ୍ତର: ଗୁପ୍ତ ଶାସନ କାଳରେ କେବଳ ଯେ ହିନ୍ଦୁ ମନ୍ଦିର ତିଆରି ହେଉଥିଲା ତା' ନୁହେଁ, ସାଞ୍ଚି ଭଳି ବୌଦ୍ଧସ୍ତୁପ ଏବଂ ନାଳନ୍ଦା ଭଳି ବିଶ୍ୱବିଦ୍ୟାଳୟମାନ ବି ସ୍ଥାପିତ ହୋଇଥିଲା । ଯେକୌଣସି ଚିନ୍ତାଧାରାକୁ ଗ୍ରହଣ କରିବା ଭଳି ମୁକ୍ତ ପରିବେଶ ସେତେବେଳେ ଥିଲା । ବୌଦ୍ଧ, ଜୈନ ଏବଂ ହିନ୍ଦୁଙ୍କ ଭିତରେ ଧାର୍ମିକ, ଦାର୍ଶନିକ ବିଚାରର ଆଦାନପ୍ରଦାନ ହେଉଥିଲା ।

ଧୀରେ ଧୀରେ ଭାରତର ଅନେକ ଅଞ୍ଚଳରେ ପୁରାତନପନ୍ଥୀ ହିନ୍ଦୁ ଧର୍ମର ପ୍ରସାର ହେଲା । ଜାତିଭେଦ, ଛୁଆଁଛୁଇଁ ଆରମ୍ଭ ହେଲା । ଜ୍ଞାନବିଜ୍ଞାନକୁ ସାଧାରଣ ଲୋକଙ୍କଠାରୁ ଦୂରେଇ ରଖାଗଲା । କୌଣସି ନୂଆ ଚିନ୍ତାଧାରା ବା ଆବିଷ୍କାରକୁ ବିରୋଧ କରାଗଲା । ଏପରିକି ଜାତିଭେଦରେ ଆୟୁର୍ବେଦ ବୈଦ୍ୟମାନଙ୍କୁ ବି ତଳିଆ କରି ଦେଖାଗଲା ।

ପ୍ରଶ୍ନ: ସେତେବେଳେ ଆର୍ଯ୍ୟଭଟ୍ଟଙ୍କ ଭଳି ପଣ୍ଡିତମାନଙ୍କର ଅବସ୍ଥା କ'ଣ ହେଲା ?

ଉତ୍ତର: ଆର୍ଯ୍ୟଭଟ୍ଟଙ୍କ ଭଳି ମହାନ ପଣ୍ଡିତଙ୍କୁ ସେତେବେଳେ ଅନେକ ସମାଲୋଚନା କରାଗଲା । ବ୍ରହ୍ମଗୁପ୍ତ, ଭାସ୍କରାଚାର୍ଯ୍ୟ ବରାହମିହିରଙ୍କ ଭଳି ପଣ୍ଡିତମାନେ ବି ତାଙ୍କୁ ବିରୋଧ କଲେ ।

ପ୍ରଶ୍ନ: ଭାରତୀୟ ଜ୍ୟୋତିଷ ଶାସ୍ତ୍ରରେ ତେବେ କ'ଣ ଥିଲା ?

ଉତ୍ତର: ଭାରତୀୟ ଜ୍ୟୋତିଷ ଶାସ୍ତ୍ରରେ କ୍ରାନ୍ତିପଥ ଓ ସେଥିରେ ଥିବା ୧୨ଟି ରାଶିମଣ୍ଡଳ ବିଷୟରେ ଲେଖାଅଛି । ଏହା ସହିତ ଆଉ କିଛି କଥା ବି ଯୋଡ଼ାଯାଇଛି । ଏସବୁର ପଞ୍ଜାଙ୍ଗରେ ବି ବର୍ଣ୍ଣନା ରହିଛି ।

ପ୍ରଶ୍ନ: ପଞ୍ଜାଙ୍ଗ କ'ଣ ?

ଉତ୍ତର: ପଞ୍ଜାଙ୍ଗ ଅର୍ଥ ପାଞ୍ଚ ଅଙ୍ଗ ବା ପଦାର୍ଥ । ଏଇ ପାଞ୍ଚଟି ପଦାର୍ଥ ହେଉଛି ଚନ୍ଦ୍ରର ଉଦୟ ଅସ୍ତ ବା ତିଥି, ତାରାଙ୍କ ମେଳରେ ଚନ୍ଦ୍ରର ଅବସ୍ଥିତି ବା ନକ୍ଷତ୍ର, ପ୍ରତି ନକ୍ଷତ୍ରର ଏକ ତୃତୀୟାଂଶ ହେଉଛି ଏକ ପାଦ, ସୂର୍ଯ୍ୟ ଚନ୍ଦ୍ରଙ୍କ ଭିତରେ ହେଉଥିବା କୋଣ ବା ଯୋଗ, ଚତୁର୍ଥରେ ତିଥିର ଅଧା ବା କରଣ ଏବଂ ଶେଷରେ ସପ୍ତାହର ସାତ ଦିନ ବା ବାର ।

ତିଥି ଗୋଟିଏ ଗୋଟିଏ ଚାନ୍ଦ୍ର ଦିବସ । ତିଥି ଦିନର ଯେକୌଣସି ସମୟରେ ଆରମ୍ଭ ହୁଏ ଏବଂ ୧୯ରୁ ୨୬ ଘଣ୍ଟାର ହୋଇଥାଏ । ପ୍ରତି ଚାନ୍ଦ୍ର ମାସରେ ୩୦ଟି ତିଥି ରହିଛି । ଚନ୍ଦ୍ର ପୃଥିବୀ ଚାରିପଟେ ଥରେ ବୁଲି ଆସିବା ପାଇଁ ୨୭.୩ ଦିନ ନିଏ । ୨୭ଟି ନକ୍ଷତ୍ର ରହିଛି ଏବଂ ଚନ୍ଦ୍ର ପ୍ରତି ନକ୍ଷତ୍ର ପାଖରେ ଗୋଟିଏ ଦିନ ରହେ । ରାତି ଆକାଶରେ ସବୁ ଗ୍ରହ ସମାନ ବେଗରେ ଗତି କରନ୍ତି ନାହିଁ । ଶନି, ଗୁରୁ, ମଙ୍ଗଳ, ରବି, ଶୁକ୍ର, ବୁଧ ଓ ଚନ୍ଦ୍ର କ୍ରମରେ ସେମାନେ ପୃଥିବୀ ଚାରିପଟେ ବୁଲିଲା ଭଳି ମନେହୁଏ । ଶନି ସବୁଠାରୁ ଜୋରରେ ଏବଂ ଚନ୍ଦ୍ର ସବୁଠାରୁ ଧୀରେ ଯାଏ । ପ୍ରତିଟି ଦିନ ୨୪ ଭାଗରେ ଭାଗ ହୋଇଛି ଏବଂ ପ୍ରତି ଭାଗକୁ ଏକ ଘଣ୍ଟା କୁହାଯାଏ । ପ୍ରତି ଘଣ୍ଟାକୁ ଶନି, ଗୁରୁ ଆଦି ସାତ ଜଣ ପାଳି କରି ଭୋଗ କରନ୍ତି । ଦିନର ପ୍ରଥମ ଘଣ୍ଟା ଯାହାର ପାଳି ପଡ଼େ. ଦିନଟିର ନାଁ ସେଇ ଅନୁସାରେ ହୁଏ । ଯେମିତିକି ଯଦି ଦିନର ପ୍ରଥମ ଘଣ୍ଟାଟି ଶନି ଭୋଗ କରୁଥାଏ, ତାହେଲେ ସେ

ଦିନର ନାଁ ହେବ ଶନିବାର । ଶନିକୁ ମିଶାଇ ଚତୁର୍ଥ ଗ୍ରହଟି ହେଉଛି ସୂର୍ଯ୍ୟ । ତେଣୁ ଶନିର ପର ଦିନର ନାଁ ହେବ ରବିବାର । ରବିକୁ ମିଶାଇ ତା ପର ଚତୁର୍ଥ ଗ୍ରହ ହେଉଛି ଚନ୍ଦ୍ର ବା ସୋମ । ତେଣୁ ତା' ପରଦିନ ହେଉଛି ସୋମବାର । ଏହିଭଳି ସପ୍ତାହର ଦିନମାନଙ୍କର ନାଁ ଦିଆଯାଏ । କରଣ ହେଉଛି ଗୋଟିଏ ତିଥିର ଅଧା । ସୌର ଦିବସର ଦିନରାତି ଭଳି କରଣ ହେଉଛି ଚାନ୍ଦ୍ର ଦିବସର ଅଧା । ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଭିତରରେ ୬ ଡିଗ୍ରୀ ତଫାତକୁ ଗୋଟିଏ କରଣ କୁହାଯାଏ । ଗୋଟିଏ ଯୋଗ ହେଉଛି ୧୩ ଡିଗ୍ରୀ ୨୦ ମିନିଟ । ୩୬୦ ଡିଗ୍ରୀରେ ୨୭ଟି ଯୋଗ ରହିଛି । ଏସବୁର ପ୍ରକୃତ ଆକାଶରେ କିଛି ଅର୍ଥ ନାହିଁ । କେବଳ ଜ୍ୟୋତିଷ ଶାସ୍ତ୍ରରେ ଏହାର ବିଶେଷତା ରହିଛି ।

ପ୍ରଶ୍ନ: ଲଗ୍ନ କ'ଣ ?

ଉତ୍ତର: ଜ୍ୟୋତିଷ ଶାସ୍ତ୍ରରେ ଆଉ ଗୋଟିଏ କଥା ରହିଛି ଲଗ୍ନ । ପିଲାଟିଏ ଜନ୍ମ ହେଲା ବେଳକୁ ଆକାଶର ସୂର୍ଯ୍ୟ, ଚନ୍ଦ୍ର, ରାଶିଙ୍କର ଅବସ୍ଥିତିକୁ ନେଇ ଲଗ୍ନ ସ୍ଥିର କରାଯାଏ । ମନେକର ଜଣକର ଜାତକରେ ସୂର୍ଯ୍ୟ ରହିଛି ବିଛା ରାଶିରେ ଏବଂ ଚନ୍ଦ୍ର ରହିଛି ସିଂହ ରାଶିରେ । ତା' ଅର୍ଥ ହେଉଛି ପିଲାଟି ଜନ୍ମ ହେଲା ବେଳକୁ ସୂର୍ଯ୍ୟ ବିଛା ରାଶିରେ ଥିଲା ଏବଂ ଚନ୍ଦ୍ର ସିଂହ ରାଶିରେ । ଆମେ ଜାଣିଛେ ଯେ ଆକାଶରେ ରାଶି ବୋଲି କିଛି ନାହିଁ । କେବଳ କିଛି ତାରାଙ୍କୁ ନେଇ ମଣିଷ କରିଥିବା କାଳ୍ପନିକ ଆକୃତି । ଏପରିକି ଗୋଟିଏ ଆକୃତି ଭିତରେ ଥିବା ତାରାମାନଙ୍କର ବି ନିଜ ନିଜ ସହ ସମ୍ପର୍କ ନାହିଁ । ବେଳେ ବେଳେ ସେମାନଙ୍କ ଭିତରେ ଦୂରତା କେତେ ଶହ ଆଲୋକବର୍ଷ ହୋଇଥାଏ । ତା'ଛଡ଼ା ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ସହ ଏଗୁଡ଼ିକର କିଛି ବି ସମ୍ପର୍କ ନାହିଁ । କେବଳ ସୂର୍ଯ୍ୟ ଚନ୍ଦ୍ରଙ୍କ ଗତିକୁ ବୁଝିବା ପାଇଁ ଏଇ ତାରାମାନଙ୍କର ସାହାଯ୍ୟ ନିଆଯାଏ । ଏସବୁ ଜାଣିବା ପରେ ଆମେ ନିଜେ ଚିନ୍ତା କରିବା ଯେ ରାଶି ବୋଲି କିଛି ପ୍ରକୃତରେ ଆକାଶରେ ଅଛି କି ?

ପ୍ରଶ୍ନ: ଏସବୁ ବିଷୟରେ ବୈଜ୍ଞାନିକମାନେ କିଛି ଗବେଷଣା କରିନାହାନ୍ତି ?

ଉତ୍ତର: ଏ ଦିଗରେ ଅନେକ ଗବେଷଣା କରାଯାଇଛି । ୧୯୫୦ ଦଶକରେ ଫରାସୀ ମନୋବିଜ୍ଞାନୀ ମିସେଲ୍ ଗକ୍‌ଲିନ୍ ଜ୍ୟୋତିଷ ବିଦ୍ୟାର ବୈଜ୍ଞାନିକ ଭିତ୍ତି ଖୋଜିବାରେ ଲାଗିଥିଲେ । ସେ କିନ୍ତୁ ରାଶି ଆଦିର ପ୍ରଭାବ ଥିବାର କୌଣସି ପ୍ରମାଣ ପାଇପାରି ନଥିଲେ । ୧୯୮୦ ଦଶକରେ ମଝି ବେଳକୁ ଆମେରିକୀୟ ପଦାର୍ଥ ବିଜ୍ଞାନୀ ଶନ୍ କାର୍ଲସନ୍ ଜ୍ୟୋତିଷ ବିଦ୍ୟାର ବୈଜ୍ଞାନିକ ପ୍ରମାଣ ଖୋଜିବାକୁ ଚେଷ୍ଟା କରିଥିଲେ । ମିସେଲ୍‌ଙ୍କ ଭଳି ସେ ମଧ୍ୟ କିଛି ପ୍ରମାଣ ପାଇ ନଥିଲେ । ଅଷ୍ଟ୍ରେଲିଆର ବିଜ୍ଞାନୀ ଜେଫେରୀ ଡିନ୍ ଏବଂ କାନାଡାର ଇଭାନ୍ କେଲି ନାମକ ଦୁଇଜଣ ମନୋବିଜ୍ଞାନୀ ମିଶି ଗୋଟିଏ ପରୀକ୍ଷା କରିଥିଲେ । ଦୁଇଘଣ୍ଟା ତଫାତରେ ଜନ୍ମ ହୋଇଥିବା ଦୁଇଜଣ ଲୋକଙ୍କର ଜନ୍ମଜାତକ ସେମାନେ ନେଲେ । ଦୁଇଘଣ୍ଟା ସମୟ ନେବାର କାରଣ ହେଉଛି ଗୋଟିଏ ରାଶିମଣ୍ଡଳ ଦିଗବଳୟରେ ପୂରା ଉଦୟ ହେବା ପାଇଁ ଦୁଇ ଘଣ୍ଟା ସମୟ ନିଏ । ତେଣୁ ଚନ୍ଦ୍ର, ସୂର୍ଯ୍ୟଙ୍କ ସ୍ଥାନ ପ୍ରାୟ ସମାନ ହେବ, ମାନେ ଏକା ରାଶିରେ ହେବ । ତେଣୁ ଦୁଇଘଣ୍ଟା ତଫାତରେ ଜନ୍ମ ହେଉଥିବା ଦୁଇଟି ଛୁଆଙ୍କର ଜନ୍ମଜାତକ ଏକା ହେବା କଥା । ଏଭଳି ଛୁଆଙ୍କୁ ସମୟ ଯମଜ ବା ଟାଇମ୍ ଟୁଇନ୍‌ସ୍ କୁହାଯାଏ । ଯଦି ଜ୍ୟୋତିଷ ଶାସ୍ତ୍ର ଠିକ୍ ତାହେଲେ ଏଭଳି ଛୁଆଙ୍କର ସବୁ କିଛି ସମାନ ହେବା କଥା । କିନ୍ତୁ ଦେଖାଯାଇଛି ଯେ ଏଭଳି ଯମଜ ମାନଙ୍କ ଭିତରୁ ଜଣେ ବହୁତ ଅଳ୍ପ ବୟସରେ ମରିଯାଇଛି ତ ଆର ଜଣକ ସୁସ୍ଥସବଳ ଭାବରେ ବେଶ୍ ଦିନ ଯାଏଁ ବଞ୍ଚି ରହିଛି । ବିଜ୍ଞାନୀମାନେ ଚାକିରି, ମାନସିକ ବ୍ୟଗ୍ରତା, ବୈବାହିକ ଜୀବନ, ଉଗ୍ରତା, ସାମାଜିକତା, ବୁଦ୍ଧି, ଚିତ୍ରକଳା, ଖେଳ ଆଦିରେ ଦକ୍ଷତା, ଗାଣିତିକ ଜ୍ଞାନ ଭଳି ଶହେରୁ ଅଧିକ ଗୁଣ ନେଇ ତୁଳନା କରି ଦେଖିଛନ୍ତି । ଜ୍ୟୋତିଷଶାସ୍ତ୍ରଜ୍ଞ ମାନଙ୍କ ମତରେ ଏସବୁ ଗୁଣ ଜନ୍ମଜାତକ ଦ୍ୱାରା ନିୟନ୍ତ୍ରିତ ହୁଏ । ଏହି ପରୀକ୍ଷାର ଫଳ ବି ଜ୍ୟୋତିଷ ଶାସ୍ତ୍ର ବିପକ୍ଷରେ ଯାଉଛି । ଏତେ ସବୁ ପରୀକ୍ଷାରୁ ଜଣାଯାଉଛି ଯେ ଜ୍ୟୋତିଷ ଶାସ୍ତ୍ରର କିଛି ବୈଜ୍ଞାନିକ ପ୍ରମାଣ ନାହିଁ ।

ପ୍ରଶ୍ନ: ତାହେଲେ ମଣିଷ ତାକୁ ମାନୁଛି କାହିଁକି ?

ଉତ୍ତର: ପ୍ରତ୍ୟେକ ମଣିଷ ନିଜ ବିଷୟରେ ଓ ଅନ୍ୟମାନଙ୍କ ବିଷୟରେ କିଛି ଜାଣିବାକୁ ସବୁବେଳେ ଆଗ୍ରହୀ । କୌଣସି ସାଧାରଣ କଥାକୁ ଜଟିଳ ଭାଷାରେ ଓ ବିଶେଷଜ୍ଞଙ୍କ ମତ ଭାବରେ ଜଣାଇଲେ ମଣିଷ ତାକୁ ସହଜରେ ଗ୍ରହଣ କରିନିଏ । ଜ୍ୟୋତିଷ ବିଦ୍ୟାର ଲୋକପ୍ରିୟତା ପଛରେ ଏହି ମନୋବୃତ୍ତିର ଭୂମିକା ମୁଖ୍ୟ । ଜ୍ୟୋତିଷମାନେ ବି ଏକଥାକୁ ଠିକ୍ ଜାଣିଛନ୍ତି । ତାଙ୍କ ଭବିଷ୍ୟବାଣୀ ଏପରି ହୁଏଯେ ତାହା ଅନେକ ଲୋକଙ୍କର ଅନେକ ପରିସ୍ଥିତି ସହ ଖାପ ଖାଇଯାଏ । ଖାପ ନ ଖାଇଲେ ବି ତା'ର ସହଜ କାରଣ ରହିଥିବ । ଯେମିତି ଦିନର କିଛି ଭାଗ ଭଲରେ କଟିବାର ସମ୍ଭାବନା ରହିଛି ବା ଆଜି ବର୍ଷା ହୋଇପାରେ । ଗୋଟିଏ ସାଧାରଣ ଭବିଷ୍ୟବାଣୀ ଯଦି ଅନେକ ଲୋକଙ୍କୁ ଅଲଗା ଅଲଗା କରି ଦିଆଯାଏ ଏବଂ ପ୍ରତ୍ୟେକଙ୍କୁ ଏହା ସ୍ୱତନ୍ତ୍ର ଭାବେ ତାଙ୍କ ପାଇଁ ଗଣନା କରାଯାଇଛି ବୋଲି କୁହାଯାଏ । ତେବେ ଲୋକଙ୍କର ବିଶ୍ୱାସ ତା'ଉପରେ ବଢ଼ିଯାଏ । ମଣିଷର ଏହି ସ୍ୱଭାବକୁ ବାର୍‌ନମ୍ ପ୍ରଭାବ କୁହାଯାଏ ।

ପ୍ରଶ୍ନ: ଏହାର ଆଉ କିଛି କାରଣ ନାହିଁ ?

ଉତ୍ତର: ଅନେକ ପରୀକ୍ଷା କରି ଦେଖାଯାଇଛି ଯେ ଜ୍ୟୋତିଷ ବିଦ୍ୟାର ଆଦର ପଛରେ ଥିବା ଆଉ କେତେକ କାରଣ ବି ରହିଛି । ଏଥିରୁ ମୁଖ୍ୟ ହେଲା ଗଣକ ବାବାଙ୍କ ପାଖକୁ ଯାଉଥିବା ଲୋକଙ୍କ ମନକୁ ଚାହିଁ ତାଙ୍କୁ ସୁହାଇଲା ଭଳି ଭବିଷ୍ୟବାଣୀ କରିବା । ଅଧିକାଂଶ ମଣିଷ ନିଜର ପ୍ରଶଂସା ଖୋଜନ୍ତି ବା ନିଜର ଦୁର୍ବଳତାକୁ ମାନିବାକୁ ଚାହାନ୍ତି ନାହିଁ । ଯେମିତି ଆପଣ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱର ଲୋକ ବା ଆପଣ କାହା ଚାଟୁକଥାରେ ଭୁଲିଯିବା ଲୋକ ନୁହନ୍ତି । ଅସୁବିଧା ସମୟରେ ମଣିଷ ସହାନୁଭୂତି ଖୋଜେ ଏବଂ ନିଜର ଦୁଃଖର ଦିନ କେମିତି ଚଞ୍ଚଳ ସରିବ ସେ କଥା ଭାବୁଥାଏ । ଏ ପରିସ୍ଥିତିରେ ଅସହାୟ ବୋଧ କରୁଥିବା ଲୋକ ସହାନୁଭୂତି ଓ ଆଶାଭରା ଭବିଷ୍ୟବାଣୀ ଶୁଣିଲେ ନିଶ୍ଚୟ ଖୁସି ହୋଇଯିବ ।

ପ୍ରଶ୍ନ: କିନ୍ତୁ ସତରେ କ'ଣ ଏସବୁ କାମ କରେ ?

ଉତ୍ତର: ଜଣେ ଭାବିକି ଦେଖିଲେ ଜାଣିବ ଯେ ଏ ପ୍ରକାରର ଭବିଷ୍ୟ ବାଣୀରେ କିଛି ନିର୍ଦ୍ଦିଷ୍ଟ ବା ସ୍ପଷ୍ଟ ନଥାଏ । ନାମଜାଦା ଜ୍ୟୋତିଷମାନେ ଅନେକ ସମୟ ନେଇ ବିଭିନ୍ନ ପ୍ରଶ୍ନ ପଚାରି, ହିସାବ କରି, ଚିନ୍ତା କରି ଗୋଟିଏ ମତ ଦେବା ଫଳରେ ଲୋକଙ୍କର ବିଶ୍ୱାସ ବଢ଼ିଯାଏ । ସେ ଭାବେ ଯେ ଏହି କଥାଟି ସ୍ୱତନ୍ତ୍ର ଭାବରେ କେବଳ ତା ପାଇଁ ସତ । ଏ ଉପାୟଟିର ବ୍ୟବହାର ପ୍ରାୟ ସବୁ ପ୍ରକାର ପେଶାରେ ଦେଖାଯାଏ । ଯେଉଁ କଥାଟି ଠିକ୍ ହୋଇଯାଏ ତା ଆମ ମନରେ ବେଶୀ ଦିନ ପାଇଁ ରହିଯାଏ । କିନ୍ତୁ ଭୁଲ କଥାଗୁଡ଼ିକ ଶୀଘ୍ର ଭୁଲି ହୋଇଯାଏ । ତେଣୁ ଯେକୌଣସି ଭବିଷ୍ୟବାଣୀ ଭିତରୁ ଅନ୍ଧାରରେ ବାଡ଼ି ବୁଲାଇବା ନ୍ୟାୟରେ କିଛି ନିଶ୍ଚୟ ଠିକ୍ ହେବ । କେତେବର୍ଷ ଧରି ଜଣକର ଗଣନାର ତାଲିକାକୁ ରଖି ଦେଖାଯାଇଛି ଯେ

ଠିକ୍ ଭୁଲର ଅନୁପାତ ଅନ୍ଦାଜ କରିବାଠାରୁ ଭବିଷ୍ୟବାଣୀ କରିବା କିଛି ଅଲଗା କଥା ନୁହେଁ ।

ଜାଣିଛ କି ?

ଜଣେ ମନୋବିଜ୍ଞାନୀ ୬୮ ଜଣ ଶିକ୍ଷିତ ଓ ସମାଜରେ ପ୍ରତିଷ୍ଠିତ ବିଭିନ୍ନ ପ୍ରକାରର ଲୋକଙ୍କୁ ନେଇ ଗୋଟିଏ ପରୀକ୍ଷା କରିଥିଲେ । ସମସ୍ତଙ୍କୁ ଅନେକ ପ୍ରଶ୍ନ ପଚାରି ସେମାନଙ୍କର ବ୍ୟକ୍ତିତ୍ୱ ବିଷୟରେ ଗୋଟିଏ ଗୋଟିଏ ଚିଠା ତିଆରି କଲେ । ୬୮ ଜଣଙ୍କ ଭିତରୁ ୫୦ ଜଣ କହିଲେ ତାଙ୍କ ଚିଠାଟି ନିଜ ପାଇଁ ଠିକ୍ ଖାପ ଖାଉଛି । ଅନ୍ୟ ସମସ୍ତେ ବି ନିଜ ନିଜର ବ୍ୟକ୍ତିତ୍ୱର ବର୍ଣ୍ଣନା ପ୍ରାୟ ଠିକ୍ ଅଛି ବୋଲି କହିଲେ । ମଜାର କଥା ହେଉଛି ୬୮ ଜଣଙ୍କୁ ଦିଆଯାଇଥିବା ଗଣନାଫଳ ବା ବ୍ୟକ୍ତିତ୍ୱ ଚିଠା ସମାନ ଥିଲା । ବିଭିନ୍ନ ଜ୍ୟୋତିଷଙ୍କର ଲେଖାକୁ ଏକାଠି କରି ସେହି ଚିଠା ପ୍ରସ୍ତୁତ କରାଯାଇଥିଲା ।

ପୁରାଣ ଯୁଗରେ ତ ଇଉରାନସ୍, ନେପ୍‌ଚୁନ୍ ଓ ପ୍ଲୁଟୋ ଗ୍ରହ ବିଷୟରେ କିଛି ଜଣା ନଥିଲା । ତେବେ ଏଠି ଗୋଟିଏ ପ୍ରଶ୍ନ ଉଠିପାରେ ଯେ ଜ୍ୟୋତିଷ ଶାସ୍ତ୍ରରେ ଏଗ୍ରହମାନେ ଅଛନ୍ତି ନା ନାହିଁ । ଏ ଗ୍ରହ ଦୁଇଟିର ପ୍ରଭାବ କିଛି ଅଛି ନା ନାହିଁ । ପ୍ଲୁଟୋ ତ ଆଜିଯାଏଁ ଗ୍ରହ ଥିଲା । ଏବେ ଜ୍ୟୋତିଷ ଶାସ୍ତ୍ରରେ ତାକୁ ଗ୍ରହ ଭାବରେ ଧରାଯାଉଛି କି ନାହିଁ । ବୈଜ୍ଞାନିକମାନେ ପ୍ଲୁଟୋକୁ ଏବେ ଗ୍ରହର ମାନ୍ୟତା ଦେଉନାହାନ୍ତି । ତେଣୁ ଏବେ ତା'ର ଆଉ କିଛି ପ୍ରଭାବ ଅଛି ନା ନାହିଁ ।

ଗୋଟିଏ ଦିନର କେତେଗୁଡ଼ିଏ ଖବର କାଗଜ ନେଇ ସେଥିରେ ବାହାରିଥିବା ରାଶିଫଳ ଦେଖିଲେ ସେସବୁ ବି ଏକା ହେଉନାହିଁ । ତେଣୁ ଏସବୁ ବିଷୟରେ ଚିନ୍ତା କଲେ ଜଣାଯିବ ଯେ ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନସମ୍ମତ କି ନୁହେଁ ।

ପ୍ରଶ୍ନ: ରାଶି ବିଷୟରେ ଏତେ କଥା ହେବା ପରେ ଆଜି ଆକାଶରେ ଆମକୁ ଗୋଟିଏ ରାଶିମଣ୍ଡଳ ଚିହ୍ନାନ୍ତୁ ।

ଉତ୍ତର: ହଁ, ଆମେ ଆଗରୁ ବୃଷ ରାଶିକୁ ଚିହ୍ନିଛେ । ଏବେ ଆମେ ମିଥୁନ ରାଶିକୁ ଚିହ୍ନିବା ।

ମୃଗବ୍ୟାଧ ମଣ୍ଡଳକୁ ତ ଆମେ ଚିହ୍ନିଛେ । ତା'ର ଉଜଳତମ ତାରା ଲୁବ୍ଧକର ଉତ୍ତର-ପୂର୍ବକୁ ରହିଛି ପ୍ରଶ୍ୱା ଓ ତା'ର ଉତ୍ତରକୁ ରହିଛି ମିଥୁନ ରାଶିର ଦୁଇ ଜାଆଁଳା ତାରା ସୋମ ଓ ବିଷ୍ଣୁ ବା ଇଂରାଜୀରେ କାଷ୍ଟର୍ ଓ ପୋଲକ୍ସ । ସୋମ ତାରାଟି ବିଷ୍ଣୁ ତୁଳନାରେ ଟିକିଏ ଉପରକୁ ଏବଂ ପଶ୍ଚିମକୁ ରହିଛି । ବିଷ୍ଣୁ ତୁଳନାରେ ଏହା କମ୍ ଉଜଳ ଓ ଏହାର ଦୀପ୍ତି ୧.୯ । ଆମ ଠାରୁ ଏହା ୫୨ ଆଲୋକବର୍ଷ ଦୂରରେ ରହିଛି । ସୋମ ତାରାଟି ଆକାରରେ ଅତି ବଡ଼ ନୁହେଁ, ସୂର୍ଯ୍ୟର ପ୍ରାୟ ଦୁଇଗୁଣ ବଡ଼ । ଏହା ଗୋଟିଏ ଯୁଗ୍ମ ତାରା । ୧୮୦୨ ମସିହାରେ ୱିଲିଅମ୍ ହର୍ଶେଲ ଏହାକୁ ଚିହ୍ନଟ କରିଥିଲେ । ବୋଧହୁଏ ଚିହ୍ନଟ ହେବାରେ ସୋମ ହେଉଛି ପ୍ରଥମ ଯୁଗ୍ମ ତାରା । କିନ୍ତୁ ଏ ବିଷୟରେ ଆଗରୁ ଜଣାଥିଲା ବୋଲି ଅନୁମାନ କରାଯାଏ । ବିଷ୍ଣୁ ତାରାଟି ବି ଯୁଗ୍ମତାରା । ଏହାର ସାଥି ତାରାଟି ପ୍ରତି ତିନିଦିନରେ ପ୍ରଥମ ତାରାଟିର ଚାରିପଟେ ବୁଲିଆସେ । ବିଷ୍ଣୁ ତାରାର ଦୀପ୍ତି ୧.୧ ଓ ଏହା ୩୩ ଆଲୋକବର୍ଷ ଦୂରରେ ରହିଛି । ଆକାରରେ ଏହା ସୂର୍ଯ୍ୟଠାରୁ ଦଶଗୁଣ ବଡ଼ । ସୋମ ଓ ବିଷ୍ଣୁ ତାରା ଦୁଇଟି ୪.୫ ଡିଗ୍ରୀ ଛଡ଼ାରେ ରହିଛନ୍ତି । ଆକାଶରେ କେମିତି ସହଜରେ ଦୂରତା ମପାଯାଏ ସେ ବିଷୟରେ ଆମେ ପରେ କଥାହେବା ।

କାଷ୍ଟର ଓ ପୋଲକ୍ସ ଦୁହିଁଙ୍କର ମା'ଙ୍କ ନାଁ ଲେଡ଼ା । କିନ୍ତୁ ଦୁହିଁଙ୍କର ବାପା ଅଲଗା । କାଷ୍ଟରଙ୍କ ବାପା ହେଉଛନ୍ତି ସ୍ପାର୍ଟାର ରାଜା ଟିଣ୍ଡାରସ୍ । ପୋଲକ୍ସଙ୍କ ବାପା ହେଉଛନ୍ତି ଜିଉସ୍ ବା ଜୁପିଟର୍ । ଜିଉସ୍ ଲେଡ଼ାଙ୍କ ପାଖକୁ ତାଙ୍କ ବାହାଘର ଦିନ ଗୋଟିଏ ହଂସ ବେଶରେ ଆସିଥିଲେ । ତା'ପରେ ତାଙ୍କର ଦୁଇଟି ଜାଆଁଳା ପୁଅ ଜନ୍ମ ହେଲେ । ଲେଡା ଓ ଜିଉସ୍‌ଙ୍କର ଜଣେ ଝିଅ ବି ଜନ୍ମ ହୋଇଥିଲେ । ସେ ହେଲେ ପୋଲକ୍ସଙ୍କ ଭଉଣୀ ହେଲେନ୍, ଯାହା ପାଇଁ ଟ୍ରୟ ଯୁଦ୍ଧ ହୋଇଥିଲା ।

କାଷ୍ଟର ଜଣେ ବିଖ୍ୟାତ ଅଶ୍ୱାରୋହୀ ଓ ଯୋଦ୍ଧା ଥିଲେ । ସେ ତାଙ୍କ ଭାଇ ପୋଲକ୍ସଙ୍କ ସହ ମିଶି ସୁନ୍ଦରୀ ଝିଅମାନଙ୍କୁ ହଇରାଣ କରୁଥିଲେ । ଥରେ ଏପରି କରିବା ସମୟରେ ଇଡାସ୍ ନାମକ ଜଣେ ଲୋକ ରାଗିଯାଇ କାଷ୍ଟରଙ୍କ ସହ ଯୁଦ୍ଧ କଲେ ଏବଂ ତାଙ୍କୁ ମାରିଦେଲେ । ଜିଉସ୍ ସାଙ୍ଗେ ସାଙ୍ଗେ ବଜ୍ର ପକାଇ ଇଡାସ୍‌ଙ୍କୁ ମାରିଦେଲେ ।

ପୋଲକ୍ସ ଜିଉସ୍‌ଙ୍କ ପୁଅ ହୋଇଥିବାରୁ ଅମର ଥିଲେ । କାଷ୍ଟର ମରିଯିବାରୁ ସେ ତାଙ୍କ ଭାଇଙ୍କ ପାଇଁ ବହୁତ ବ୍ୟସ୍ତ ହେଲେ । ପୋଲକ୍ସଙ୍କର ଭ୍ରାତୃପ୍ରେମ ଦେଖି ଜିଉସ୍ ବହୁତ ଖୁସି ହୋଇଗଲେ ଓ ପୋଲକ୍ସର ଅଧା ଜୀବନ କାଷ୍ଟରଙ୍କୁ ଦେଇ ତାଙ୍କୁ ବଞ୍ଚେଇ ଦେଲେ । ତା'ପରେ ଜିଉସ୍ ଦୁହିଁଙ୍କୁ ସ୍ୱର୍ଗରେ ପାଖାପାଖି କରି ରଖି ଅମର କରିଦେଲେ ।

ଚୀନ ଦେଶରେ କାଷ୍ଟର ପୋଲକ୍ସ ତାରା ଦୁଇଟିର ନାଁ ହେଉଛି ଇନ୍ ଓ ୟାଙ୍ଗ୍ । ଦୁଇଟି ବିପରୀତମୁଖୀ ଗୁଣ ଏକାଠି ରହିଛି ଯେମିତି ଆଲୁଅ ଅନ୍ଧାର, ପୁରୁଷ ସ୍ତ୍ରୀ, ପୃଥିବୀ ଓ ଆକାଶ । ଦୁଇଟି ବିପରୀତ ଗୁଣ ଏକାଠି ଥିବାରୁ ସେମାନଙ୍କ ଭିତରେ ସମତା ରହିଛି । କିନ୍ତୁ ପୋଲକ୍ସ ଟିକିଏ ଅଧିକ ଉଜଳ । କୁହାଯାଏ ଯେ ଦୁଇଟିଯାକ ତାରା ଅତୀତରେ ସମାନ ଉଜଳତାର ଥିଲେ । ସମୟ କ୍ରମେ କୌଣସି ଗୋଟିକର ଉଜଳତା ବଦଳିଗଲା । ଯଦି ଏହା ହୋଇଥାଏ ତାହେଲେ ଏବଂ ଇନ୍ ୟାଙ୍ଗଙ୍କର ସମତା ଭାଙ୍ଗି ଯାଇଥିବ ।

ବାରଟି ରାଶି ଭିତରୁ ମିଥୁନ ଗୋଟିଏ । ସୂର୍ଯ୍ୟ ଏହି ରାଶିରେ ଜୁନ୍-ଜୁଲାଇ ମାସ ବେଳକୁ ରହେ । ସୂର୍ଯ୍ୟ ଜୁନ ୨୧ ତାରିଖ ଦିନ ତାରାର ଗୋଡ଼ ପାଖରେ ରହେ । ଆମେ ଜାଣିଛେ ଯେ ଏହି ଦିନଟି ହେଉଛି ଉତ୍ତର ଅୟନାନ୍ତ । ଏହା ପରଠାରୁ ସୂର୍ଯ୍ୟ ଦକ୍ଷିଣମୁଖା ହୁଏ ।

ମଜାର କଥା ହେଉଛି ସୌରଜଗତର ଦୁଇଟି ଗ୍ରହ ଇଉରାନସ୍ ଓ ପ୍ଲୁଟୋ ଯେତେବେଳେ ଆବିଷ୍କୃତ ହେଲେ ସେତେବେଳେ ସେ ଦୁଇଟି ମିଥୁନ ରାଶିରେ ଥିଲେ । ଅବଶ୍ୟ ପ୍ଲୁଟୋକୁ ଏବେ ଆଉ ଗ୍ରହର ମାନ୍ୟତା ଦିଆ ଯାଉନାହିଁ । ୧୭୮୧ ମସିହା ମାର୍ଚ୍ଚ ୧୩ ତାରିଖ ଦିନ ୱିଲିଅମ୍ ହର୍ଶେଲ ଇଉରାନସ୍ ଗ୍ରହକୁ ଚିହ୍ନଟ କରିଥିଲେ । ସେତେବେଳେ ଗ୍ରହଟି ମିଥୁନ ରାଶିର ଅଣ୍ଟା ପାଖରେ ଥିବା ତାରା ୱାସାଟ୍ ପାଖରେ ଥିଲା । ହର୍ଶେଲ ଗ୍ରହଟିକୁ ଆକସ୍ମିକ ଭାବରେ ଆବିଷ୍କାର କରିଥିଲେ । ପ୍ରଥମେ ସେ ଭାବୁଥିଲେ ଯେ ସେ ଗୋଟିଏ ଧୂମକେତୁ ପାଇଛନ୍ତି । ଅବଶ୍ୟ ତାକୁ ହର୍ଶେଲଙ୍କ ଆଗରୁ ବି ଚିହ୍ନଟ କରାଯାଇ ତାରା ମାନଚିତ୍ରରେ ସ୍ଥାନ ଦିଆ ଯାଇଥିଲା । କିନ୍ତୁ ହର୍ଶେଲ ପ୍ରଥମ କରି ତାରାଟିକୁ ଗ୍ରହ ବୋଲି ଚିହ୍ନଟ କଲେ । ଖାଲି ଆଖିରେ ଦେଖାଯାଉଥିବା ପାଞ୍ଚଟି ଗ୍ରହ ସହ ଇଉରାନସ ମିଶିଲା । ସେହିଭଳି ୧୯୩୦ ମସିହା ଫେବୃଆରି ମାସରେ ଆରିଜୋନାଠାରେ ଟମ୍ ବାଓ ପ୍ଲୁଟୋ ଗ୍ରହ ଆବିଷ୍କାର କରିବା ବେଳେ ଗ୍ରହଟି ମିଥୁନ ରାଶିରେ ଥିଲା ।

ମିଥୁନ ରାଶି କେବଳ ରାଶି ଭାବରେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଅନେକ ଆକାଶୀୟ ଘଟଣାର ସେ ସାକ୍ଷୀ । ଆଶାକରୁଛୁ ତା ବିଷୟରେ ଏତେ କଥା ଶୁଣିବା ପରେ ନିଶ୍ଚୟ ଆଜି ରାତିରେ ଆପଣମାନେ ତାକୁ ଆକାଶରେ ଖୋଜିବେ । ତା ସହିତ ଆଖପାଖରେ ଥିବା ତାରାମାନଙ୍କୁ ବି ଚିହ୍ନିବାକୁ ଚେଷ୍ଟା

କରିବେ । ମନରେ କିଛି ପ୍ରଶ୍ନ ଆସିଲେ ତା'ର ଉତ୍ତର ଖୋଜିବା ପାଇଁ ଚେଷ୍ଟା କରିବେ ବା ଆମ ପାଖକୁ ଲେଖି ପଠାଇବେ । ଆମର ଠିକଣା ହେଲା —— । ଏଥର ରାସ୍ତାକଡ଼ରେ ଜ୍ୟୋତିଷଟିଏ ବସିଥିଲେ ଭବିଷ୍ୟ ବାଣୀ ଶୁଣିବା ଆଗରୁ ମନରେ ନିଶ୍ଚୟ ପ୍ରଶ୍ନ ଉଠିବ ଯେ ସତରେ ଏ ଲୋକ ଯାହା କରୁଛି ସବୁ ଠିକ୍ । ସତରେ କ'ଣ ଏକା ରାଶିର ଲୋକଙ୍କର ଜୀବନଶୈଳୀ ଏକାଭଳି । ସତରେ କ'ଣ ଆକାଶରେ ରାଶି ବୋଲି କିଛି ଅଛି ଓ ତା'ର ପୁଣି ପ୍ରଭାବ ଆମ ଉପରେ ପଡ଼େ । ଏଇମିତି କେତେ ପ୍ରଶ୍ନ ମନରେ ଉଠିବ । ଏଇଭଳି ପ୍ରଶ୍ନ କରୁଥିବା ମନଟିଏ ସୃଷ୍ଟି କରିବା ଆମର ମୂଳ ଲକ୍ଷ୍ୟ । ଆଶାକରୁଛୁ କାର୍ଯ୍ୟକ୍ରମ ଆପଣଙ୍କୁ ଭଲ ଲାଗୁଛି ଓ ଆଗକୁ ଆପଣ ଏହାକୁ ଶୁଣିବା ପାଇଁ ଆଗ୍ରହୀ ହେବେ । ଆସନ୍ତା ଥର ପୁଣି ଥରେ ଆମେ ଆସିବୁ ଆକାଶର ନୂଆ କଥା ନେଇ । ସେଯାଏଁ ବିଦାୟ, ନମସ୍କାର ।